



● କୋର୍ଟ କିରାଣିଙ୍କ ପୁଅ ମୃତ୍ୟୁ ମାମଲା

# ହତ୍ୟା ଅଭିଯୋଗ ଆଣିଲେ ମାମୁ

**ଭୁବନେଶ୍ୱର, ୮।୨(ସମିସ):** ଖାରବେଳ ନଗର ଥାନା ଅଞ୍ଚଳରେ କୋର୍ଟ କିରାଣିଙ୍କ ପୁଅ ସ୍ୱୟଂଶୁ ପରିଡ଼ା ମୃତ୍ୟୁ ମାମଲା ଭିନ୍ନ ମୋଡ଼ ନେଇଛି। ଭଣଜାକୁ ହତ୍ୟା କରାଯାଇଥିବା ନେଇ ତାଙ୍କ ମାମୁ ଖାରବେଳ ନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ସ୍ୱୟଂଶୁଙ୍କୁ ତାଙ୍କ ବାପା ସନ୍ତୋଷ ପିଟି ପିଟି ହତ୍ୟା କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଖାରବେଳ ନଗର ଥାନା ୟୁନିଟ ୩ ଅଞ୍ଚଳରେ ରହୁଥିବା ଜଟଣୀ କୋର୍ଟର କିରାଣି ସନ୍ତୋଷ ପରିଡ଼ା ଓ ତାଙ୍କ ଶାଶୂ ଘର ବାହାର ଅଗଣାରେ ବସିଥିଲେ। ସ୍ୱୟଂଶୁ ଘରର ମୁଖ୍ୟ କବାଟକୁ ଭିତର ପଟରୁ ବନ୍ଦ କରି ଦେଇ ସାନ ଭାଇଙ୍କ ସହିତ ଘରେ ଥିଲେ। ସାନଭାଇ ରୁମ୍‌ରେ ଥିବାବେଳେ ସ୍ୱୟଂଶୁ ବେକରେ ତାର ଲଗାଇ ଘର ପଛ ପାଖରେ ଥିବା ଏକ ଆଜବେଷ୍ଟସ୍ ଘରର ଲୁହା ବାର୍‌ରେ ଝୁଲି ପଡ଼ିଥିଲେ। ସନ୍ତୋଷ ଆଜବେଷ୍ଟସ୍ ଘରୁ ସ୍ୱୟଂଶୁଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ତୋଷଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଥିଲା। ହେଲେ ସ୍ୱୟଂଶୁଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ମାମୁ ଆଜି ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି। ସନ୍ତୋଷ ପ୍ରାୟ ସମୟରେ ମଦ୍ୟପାନ କରି ଭଉଣୀ ଓ ଭଣଜାକୁ ମାଡ଼ ମାରୁଥିଲେ ବୋଲି ସେ କହିଛନ୍ତି। ଏଥିସହିତ ସନ୍ତୋଷ ତାଙ୍କ ପୁଅ ସ୍ୱୟଂଶୁଙ୍କୁ ପିଟାପିଟି କରିବା ପରେ ତଣ୍ଟି ଚିପି ହତ୍ୟା କରିଛନ୍ତି ବୋଲି ମାମୁ ଅଭିଯୋଗ କରିଛନ୍ତି। ସେପଟେ ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। କାରଣ ଜାଣିବା ଲାଗି ଶବ ବ୍ୟବଚ୍ଛଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ପୁଲିସ କହିଛି।

# କାଠଫାଳିଆରେ ଦୁଇ ଭାଇଙ୍କୁ ଆକ୍ରମଣ

● ବାପା ଗିରଫ, ପୁଅ ଓ ସହଯୋଗୀ ଫେରାର୍



ଭୁବନେଶ୍ୱର, ୮।୨(ସମିସ): ଗାଡ଼ି ସାଇଡ୍ ମାରିବାକୁ କେନ୍ଦ୍ରକରି ଦୁଇ ଭାଇଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ ପରିବା ଦୋକାନୀଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପୋଖରୀପୁଟର ବଳରାମ ସେଠୀ (୫୭)। ପୁଲିସ ସୂଚନା ଅନୁସାରେ, ଅବିନାଶ ଆଚାର୍ଯ୍ୟ ଓ ତାଙ୍କ ଭାଇ ଗତ ୩୦ ତାରିଖ ରାତି ପ୍ରାୟ ୧୧ଟାରେ ପୋଖରୀପୁଟ ରାସ୍ତା ଦେଇ ଘରକୁ ଫେରୁଥିଲେ। ସେହି ସମୟରେ ଗଣ୍ଡମୁଣ୍ଡା ମାର୍କେଟରେ ପରିବା ଦୋକାନ କରିଥିବା ବଳରାମ, ତାଙ୍କ ପୁଅ ଓ ଦୋକାନ କର୍ମଚାରୀ ଗୋଟିଏ ସ୍କୁଟି ଓ ବାଇକରେ ଯାଉଥିଲେ। ଗାଡ଼ି ସାଇଡ୍ ମାରିବାକୁ କେନ୍ଦ୍ରକରି ବଳରାମ, ତାଙ୍କ ପୁଅ ଓ ଦୋକାନ କର୍ମଚାରୀ ପୋଖରୀପୁଟ ହକି ଷ୍ଟାଡିୟମ ବିପରୀତ ପାର୍ଶ୍ୱ ରାସ୍ତାରେ ଅବିନାଶ ଓ ତାଙ୍କ ଭାଇଙ୍କୁ ଅଟକାଇଥିଲେ। ଏହାପରେ ୩ ଜଣ ଯାକ ମିଶି ଦୁଇ ଭାଇଙ୍କୁ ଗାଳିଗୁଲଜ କରିବା ସହ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏଥିରେ ଦୁଇଭାଇ ଗୁରୁତର ଆହତ ହୋଇଥିଲେ। ଏ ନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ ହେବା ପରେ ପୁଲିସ ବଳରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ଅନ୍ୟ ଦୁଇ ଅଭିଯୁକ୍ତ ବଳରାମଙ୍କ ପୁଅ ଓ ଦୋକାନ କର୍ମଚାରୀ ଫେରାର ରହିଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି।

# ଛୁରି ଦେଖାଇ ଲୁଟ୍; ଦୁଇ ଗିରଫ



**ଭୁବନେଶ୍ୱର/ହଂସପାଳ, ୮।୨(ସମିସ):** ଯୁବକଙ୍କୁ ଛୁରି ଦେଖାଇ ଲୁଟ୍‌ପାଟ କରିଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ରସୁଲଗଡ଼ ଜେନା ସାହିର ଦୀପକ ଜେନା ଓରଫ୍ ପିନୁ (୩୭) ଓ ଚମ୍ପତି ସାହିରେ ରହୁଥିବା ବାଲେଶ୍ୱରର ଏସ୍‌କେ ଜାବେଦ (୩୧)। ପୁଲିସ ସୂଚନା ଅନୁସାରେ, ବୁଧବାର ରାତିରେ ଶିବୁନା ଦଳେଇ ରସୁଲଗଡ଼ସ୍ଥିତ ମା' ତାରା ତାରିଣୀ ହୋଟେଲରୁ ରାତ୍ରିଭୋଜନ ସାରି ଫେରୁଥିଲେ। ସେହି ସମୟରେ ପିନୁ, ଜାବେଦ ଓ ତାଙ୍କ ସହଯୋଗୀ ତାଙ୍କୁ ଅଟକାଇ ଆକ୍ରମଣ କରିବା ସହିତ ଛୁରି ଦେଖାଇ ଦୁଇ ହଜାର ଟଙ୍କା, ମୋବାଇଲ ଫୋନ୍ ଓ ଗୋଟିଏ ବ୍ରେସ୍‌ଲେଟ୍ ଲୁଟି ନେଇଥିଲେ। ଏହାପରେ ଅଭିଯୁକ୍ତମାନେ ଫୋନ୍ ପେ' ଜରିଆରେ ଏକ ହଜାର ଟଙ୍କା ଦେବାକୁ କହିବାରୁ ସେ ଭୟରେ ଦେଇ ଦେଇଥିଲେ। ପୁଣି ଅଭିଯୁକ୍ତମାନେ ଶିବୁନାଙ୍କ କାର୍ ଲୁଟ କରିବା ପାଇଁ ଚାବି ମାଗିବାରୁ ସେ ହୋ ହାଲ୍ଲା କରିଥିଲେ। ସ୍ଥାନୀୟ ଲୋକ ଘଟଣାସ୍ଥଳକୁ ଦୌଡ଼ି ଆସି ଦୁଇ ଜଣଙ୍କୁ କାବୁ କରିଥିଲେ। ହେଲେ ସେମାନଙ୍କର ଜଣେ ସହଯୋଗୀ ଖସି ପଳାଇଥିଲା। ଏ ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କର ହେପାଜତରୁ ଲୁଟ ହୋଇଥିବା ସାମଗ୍ରୀ ଜବତ କରିଥିଲା।

# ଟାଇଲ୍ ମିସ୍ତ୍ରିଙ୍କୁ ଆକ୍ରମଣ; ୨ ଗିରଫ

**ଭୁବନେଶ୍ୱର, ୮।୨(ସମିସ):** ଦାଦାବଟି ପାଇଁ ଟାଇଲ୍ ମିସ୍ତ୍ରିଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ରଘୁନାଥ ନଗରର ବି. ନାରାୟଣ ରେଡ୍ଡୀ (୩୪) ଓ ନଟିଆ ଓରଫ୍ ନୀଳମଣି ମହାରଣା (୪୦)। ପୁଲିସ ସୂଚନା ଅନୁସାରେ, ଖଣ୍ଡଗିରି ଥାନା ରଘୁନାଥ ନଗରରେ ଅଭୟ ନାୟକ ଏକ ଘର ନିର୍ମାଣ କରୁଛନ୍ତି। ଘରର ଟାଇଲ କାମ ପାଇଁ ସେ ଦୁଇ ଜଣ ମିସ୍ତ୍ରିଙ୍କୁ ନିୟୋଜିତ କରିଥିଲେ। ତେବେ ଗତକାଲି ମଧ୍ୟାହ୍ନ ସମୟରେ ଟାଇଲ ମିସ୍ତ୍ରି କାର୍ଯ୍ୟ କରୁଥିବା ସମୟରେ ନାରାୟଣ ଓ ନଟିଆ ତାଙ୍କର କିଛି ସହଯୋଗୀଙ୍କୁ ଧରି ସେଠାକୁ ଆସିଥିଲେ। ସେଠାରେ ମିସ୍ତ୍ରିଙ୍କୁ ଧମକ ଦେବା ସହ ଅଭୟଙ୍କୁ କଲ କରିବାକୁ କହିଥିଲେ। ଏହା ପରେ ଅଭିଯୁକ୍ତମାନେ ଘରେ ପଶି ସେଠାରେ ଥିବା ଟାଇଲ ଓ ପାଣି ପାଇପକୁ ଭାଙ୍ଗି ନଷ୍ଟ କରି ଦେଇଥିଲେ। ଟାଇଲ ମିସ୍ତ୍ରିଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ମଧ୍ୟ କରିଥିଲେ। ମାସିକିଆ ଦାଦା ବଟି ନଦେଲେ ସେଠାରେ କାମ କରିପାରିବ ନାହିଁ ବୋଲି ଅଭୟଙ୍କୁ ଜଣାଇଦେବା ପାଇଁ କହିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ଅଭୟ ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସାବୁନ ଫେଣ ଲଗାଇ ନେଇଗଲେ ସୁନା ଚୁଡ଼ି; ୨ ଗିରଫ



**ଭୁବନେଶ୍ୱର, ୮।୨(ସମିସ):** ହାତରେ ସାବୁନ ଫେଣ ଲଗାଇ ଜଣେ ମହିଳାଙ୍କ ଠାରୁ ସୁନା ଚୁଡ଼ି ଓ ଲକେଟ୍ ଲୁଟି ନେଇଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଲକ୍ଷ୍ମୀସାଗର ମଣ୍ଡପ ସାହିର ଗାଲୁ ଓରଫ୍ ମଦନ ବେହେରା (୨୪) ଓ ଉପର ସାହିର ପଞ୍ଚୁ ରାୟ (୨୧)। ପୁଲିସ ସୂଚନା ଅନୁସାରେ, ମଦନ ଓ ପଞ୍ଚୁ ଗତ ମାସ ୨୬ ତାରିଖ ଦିନ ଲକ୍ଷ୍ମୀସାଗର ମେଡ୍ ପ୍ଲସ୍ ଷ୍ଟୋର୍ ନିକଟସ୍ଥ ଘରେ ଏକାକୀ ଥିବା ଜଣେ ମହିଳା ବରିଷ୍ଠ ନାଗରିକଙ୍କ ପାଖକୁ ଯାଇଥିଲେ। ତାଙ୍କ ହାତରେ ସାବୁନ ଫେଣ ଲଗାଇ ୪ଟି ସୁନା ଚୁଡ଼ି ଓ ଗୋଟିଏ ସୁନା ଲକେଟ୍ ଜୋର୍‌ଜବରଦସ୍ତ ଲୁଟି ନେଇଥିଲେ। ଏ ନେଇ ମହିଳାଙ୍କ ଝିଆଁ ହରପ୍ରସାଦ ମିଶ୍ର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ମଦନ ଓ ପଞ୍ଚୁକୁ ଗିରଫ କରିବା ସହିତ ସେମାନଙ୍କ ହେପାଜତରୁ ଲୁଟ୍ ସାମଗ୍ରୀ ଜବତ କରିଥିଲା ପୁଲିସ। ଦୁଇ ଅଭିଯୁକ୍ତ ପୂର୍ବରୁ ଲକ୍ଷ୍ମୀସାଗର ଓ ବଡ଼ଗଡ଼ ଥାନାରେ ଚୋରି ଓ ଅପରାଧିକ ମାମଲାରେ କୋର୍ଟ ଚାଲାଣ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସେମାନେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ସିଆର୍‌ପିସି ଧାରା ୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।





ନବୀନ ନିବାସରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି ବଲିଉଡ୍ କଣ୍ଠଶିଳ୍ପୀ ତଥା ସଂଗୀତ ନିର୍ଦ୍ଦେଶକ ସୋନୁ ନିଗମ। ପାଖରେ ଅଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍





ନବୀନ ନିବାସରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ନୃତ୍ୟ ପରିବେଷଣ କରିଥିବା ବରିଷ୍ଠ ନୃତ୍ୟଶିଳ୍ପୀମାନେ। ପାଖରେ ଅଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍

# ରାଜଧାନୀର ସର୍ବୋଚ୍ଚ ଆବାସିକ ଟାୱାର୍ 'ଇଭୋସ୍ ଆଲ୍‌କେମି'

**ଭୁବନେଶ୍ୱର, ୮ ।୨(ସମିସ):** ଭୁବନେଶ୍ୱରର ରଘୁନାଥପୁରଠାରେ ଇଭୋସ୍ ବିଲ୍ଡକନ୍ ପକ୍ଷରୁ ୪୨ ମହଲା ବିଶିଷ୍ଟ ଆବାସିକ ଟାୱାର 'ଇଭିଓଏସ୍ ଆଲକେମି' ଉଦ୍‌ଘାଟିତ ହୋଇଯାଇଛି। ଏହି ଟାୱାର ରାଜଧାନୀର ବିଳାସମୟ ବାସସ୍ଥାନ କ୍ଷେତ୍ରରେ ଏକ ନୂଆ ମାଇଲ୍‌ଖୁଣ୍ଟ ଯୋଡ଼ିବ। ଏହି ଅବସରରେ ବଲିଉଡ ଗାୟକ ଜୁବିନ୍ ନୌଟିୟାଲଙ୍କ କନସର୍ଟ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଇଭିଓଏସ୍ ବିଲ୍ଡକନ୍‌ର ପ୍ରତିଷ୍ଠାତା କଳିଙ୍ଗ କେଶରୀ ରଥ ଉପସ୍ଥିତ ଥିଲେ। ଆର୍କିଟେକ୍ଟ ସଞ୍ଜୟ ପୁରୀଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଇଭିଓଏସ୍ ଆଲକେମି ପଟିଆର ଆଖପାଖ ଅଞ୍ଚଳର ସ୍କାଏଲାଇନକୁ ଏକ ନୂଆରୂପ ପ୍ରଦାନ କରିବ। ମୁମ୍ବାଇର ଅଗ୍ରଣୀ ଷ୍ଟ୍ରକ୍‌ଚରାଲ ଡିଜାଇନର ଡ. କେଲକର ଡିଜାଇନ ଏହି ପ୍ରୋଜେକ୍ଟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେମାନେ ୱିଣ୍ଡ ଟନେଲ ପରୀକ୍ଷଣ କରିଥିଲେ,




ଯାହା ଦ୍ୱାରା ଏହି ଉଚ୍ଚ କୋଠାର ଢାଞ୍ଚାଗତ ଅଖଣ୍ଡତା ସୁନିଶ୍ଚିତ ହୋଇଥିଲା। ଇଭୋସ ଆଲକେମିରେ ୩ ଏବଂ ୪ ବେଡ୍‌ରୁମ୍ ବିଶିଷ୍ଟ ବାସଭବନ ରହିଛି। ଏହି ପ୍ରକଳ୍ପରେ ୪ଟି ଟାୱାର ରହିଛି। ଖୋଲା ସ୍ଥାନ ସହିତ ଇଭିଓଏସ୍ ଆଲକେମିରେ ଭୂତଳ ଏବଂ କ୍ଲାଉଡ୍‌ସ୍ତରୀୟ ଆମେନିଟି ଜୋନ୍ ରହିଛି। ଇଭୋସ ଆଲକେମିର ବାସିନ୍ଦାମାନେ ଲ୍ୟାଣ୍ଡସ୍କେପ୍ ପୋଡିୟମ ଡେକ୍, ନିରାମୟ ସ୍ଥଳୀ, ଯୋଗ ମଣ୍ଡପ, ସାମାଜିକ ମଣ୍ଡପ, ଚେସ୍ କୋର୍ଟ ଏବଂ ବୁଲେୱାର୍ଡ ବ୍ରିଜ୍ ସମେତ ଅନେକ ସୁବିଧା ସୁଯୋଗ ପାଇପାରିବେ। ଅଫିସିଆଲ୍ ଇଭୋସ୍ ବିଲ୍ଡକନ୍ ୱେବସାଇଟ୍ ଜରିଆରେ ଇଭିଓଏସ୍ ଆଲକେମି ପାଇଁ ବୁକିଂ ଅନୁସନ୍ଧାନ କରାଯାଇପାରିବ ବୋଲି ଇଭୋସ୍ ପକ୍ଷରୁ ସୂଚନା ଦିଆଯାଇଛି।

# 'ରମାଦେବୀ' ସଂସ୍କୃତ ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ଭୁବନେଶ୍ୱର, ୮ ।୨(ସମିସ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ 'ସଂସ୍କୃତ ବାଙ୍ମୟରେ ନାରୀର ମହତ୍ତ୍ୱ' ଶୀର୍ଷକରେ ଏକ ଆଲେଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଣତି କୁମାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାରେ ଅଧ୍ୟାପିକା ଡ. ଦୀପ୍ତିମୟୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ଡ. ଇନ୍ଦିରା ପଟ୍ଟନାୟକ ସଂସ୍କୃତ ବାଙ୍ମୟରେ ନାରୀଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସେ ନାରୀମାନଙ୍କୁ ସୌନ୍ଦର୍ଯ୍ୟ, ଆଲୋଡନ, ଆନ୍ଦୋଳନ, ବିଭୀଷିକା ଓ ଧ୍ୱଂସର ପ୍ରତୀକ ଭାବେ ବର୍ଣ୍ଣନା କରିଛନ୍ତି। ଏହାସହ ନାରୀଙ୍କୁ ଧୌର୍ଯ୍ୟ, ସାହସ, ମମତା, ସତ୍ୟତା, ଶାଳୀନତା ଓ ବିନମ୍ରତାର ଅଧିକାରିଣୀ ବୋଲି କହିଛନ୍ତି। ବିଭାଗର ପ୍ରାୟ ଶହେଜଣ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ତିନି ବର୍ଷ ମଧ୍ୟରେ ସର୍ବୋତ୍ତମ ସଫଳତା ପାଇଁ ତୃତୀୟ ବର୍ଷର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀଙ୍କୁ 'ବେଷ୍ଟ୍ ଆଚିଭର୍' ଭାବେ ପୁରସ୍କୃତ କରାଯାଇଥିଲା। ଏହି ଆଲେଚନାଚକ୍ରରେ ବହୁ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇ ନିଜର ଅଭିମତ ରଖିଥିଲେ। ଅଧ୍ୟାପକ ଡ. ନୀଳମାଧବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଟ୍ରାକ୍ଲିପ୍ ପଦ୍ଧତିରେ ୭୦ ବର୍ଷୀୟ ବୃଦ୍ଧାଙ୍କ ସଫଳ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୮ ।୨(ସମିସ):** ଓଡ଼ିଶାରେ ପ୍ରଥମଥର ପାଇଁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍‌ସ) ହସ୍ପିଟାଲରେ ମିଟ୍ରାକ୍ଲିପ୍ ପଦ୍ଧତିରେ ଜଣେ ୭୦ ବର୍ଷୀୟା ମହିଳାଙ୍କ ହୃତପିଣ୍ଡ ଭାଲଭ୍‌ର ଅସ୍ତ୍ରୋପଚାର ସଫଳତାର ସହ କରାଯାଇଛି। ମହିଳାଙ୍କ ହୃତ୍‌ପିଣ୍ଡରେ ଥିବା ୪ଟି ଭାଲ୍‌ଭ ମଧ୍ୟରୁ ଗୋଟିଏ ମିଟ୍ରାଲ୍ ଭାଲ୍‌ଭରେ ଲିକ୍ ହେବା କାରଣରୁ ତାଙ୍କର ହୃଦ୍‌ଘାତ ହୋଇଥିଲା। ସାଧାରଣତଃ ମିଟ୍ରାଲ୍ ଭାଲ୍‌ଭ



ରକ୍ତକୁ ସଠିକ୍ ଦିଗରେ ପ୍ରବାହିତ କରିଥାଏ। ଏହାର ଅସ୍ତ୍ରୋପଚାର ବିପଦପୂର୍ଣ୍ଣ। ତେଣୁ ଲିକ୍ ହୋଇଥିବା ହାର୍ଟ ଭାଲ୍‌ଭକୁ ମରାମତି କରିବା ପାଇଁ ତାଙ୍କୁ ମିଟ୍ରାକ୍ଲିପ୍ ଥେରାପି ଦିଆଯାଇଥିଲା। କିମ୍‌ସ ହୃଦରୋଗ ବିଭାଗର ଅଭିଜ୍ଞ ଡାକ୍ତର ଅନୁପମ ଜେନାଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର ସଫଳତାର ସହ କରାଯାଇଛି। ଏହି ପ୍ରକ୍ରିୟାରେ ଚିକିତ୍ସିତ ହୋଇଥିବା ରୋଗୀମାନେ ଶୀଘ୍ର ସୁସ୍ଥ ହୋଇଥାନ୍ତି। କ୍ୟାଥେଟର ଭିତ୍ତିକ ପଦ୍ଧତିରେ ରୋଗୀମାନେ କମ୍ ଯନ୍ତ୍ରଣା ଅନୁଭବ କରନ୍ତି। ଏହି ପଦ୍ଧତିରେ କିମ୍‌ସରେ ଚିକିତ୍ସିତ ହୋଇଥିବା ରୋଗୀ ଜଣକ ଅସ୍ତ୍ରୋପଚାର ତିନି ଦିନ ମଧ୍ୟରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍, କିସ୍ ଏବଂ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ପାନୀୟ ଜଳର ଅଭାବ; ଶାନ୍ତିସ୍ତୂପରେ ଅଶାନ୍ତି

## ହନ୍ତସନ୍ତ ହେଉଛନ୍ତି ପର୍ଯ୍ୟଟକ, ଫାଇଦା ନେଉଛନ୍ତି ଅସାଧୁ ବୋତଲ ପାଣି ବେପାରୀ

**ଧଉଳି, ୮।୨(ସମିସ):**

ବିଶ୍ୱ ଐତିହାସିକ ପର୍ଯ୍ୟଟନସ୍ଥଳୀ ଶାନ୍ତିସ୍ତୂପରେ ପାନୀୟ ଜଳକୁ ନେଇ ଅଶାନ୍ତି। ଏଠାକୁ ଦୈନିକ ହଜାର ହଜାର ପର୍ଯ୍ୟଟକ ଆସୁଥିଲେ ମଧ୍ୟ ପାନୀୟ ଜଳ ଯୋଗାଣର କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ପାଣି ପାଇଁ ଡହକବିକଳ ହେଉଛନ୍ତି। ପ୍ରକାଶ ଥାଉ କି ପୂର୍ବରୁ ଧଉଳିରେ ପାନୀୟ ଜଳର ବ୍ୟବସ୍ଥା ରହିଥିଲା। କିନ୍ତୁ ଧଉଳି ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଏହି କ୍ରମରେ ପୁରୁଣା ପାନୀୟ ଜଳ ବ୍ୟବସ୍ଥାକୁ ହଟାଇ ଉନ୍ନତ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ସର୍ବଧର୍ମ (ପ୍ରାର୍ଥନା) ଗୃହ ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ଦୁଇଟି ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିସ୍ତୂପରେ ପରିସରରେ ଥିବା ସର୍ବଧର୍ମ (ପ୍ରାର୍ଥନା) ଗୃହ ନିକଟରେ ୨ ଟା ଥଣ୍ଡା ପାନୀୟ ଜଳ ଯୋଗାଣ ମେସିନ୍ ବସାଯାଇଥିଲା। ମାତ୍ର ଆବଶ୍ୟକ ପାଣି ନ ଆସିବାରୁ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ସେଠାରେ ଏକ ପାଣିଟାଙ୍କି ବସାଇଥିଲେ। ଏଥିରେ କୌଣସି ସୁଫଳ ମିଳି ନ ଥିଲା। ଉକ୍ତ ପାଣିଟାଙ୍କିଟି ମେସିନ୍ ସହ ସମାନ୍ତରାଳ ଭାବେ ବସିଥିବାରୁ ଆବଶ୍ୟକ ପାଣି ଯୋଗାଇପାରୁନାହିଁ। ଆହୁରି ଅଧିକ ଉଚ୍ଚରେ ବସାଇଲେ ଉକ୍ତ ମେସିନକୁ ପାଣି ଆସିବ ଏବଂ ତାହା କାର୍ଯ୍ୟକ୍ଷମ ହେବ ବୋଲି ବିଭାଗୀୟ କର୍ମଚାରୀ କହିଥିଲେ। କିନ୍ତୁ ଦୀର୍ଘ ୫ରୁ ୬ ମାସ ବିତି ଯାଇଥିଲେ ମଧ୍ୟ ଏଯାଏ ଏହି ପାନୀୟ ଜଳବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଯେଉଁଥିପାଇଁ ଶାନ୍ତିସ୍ତୂପ ଧଉଳିକୁ ପ୍ରତିଦିନ ଆସୁଥିବା ୨ ହଜାରରୁ ଅଢ଼େଇ ହଜାର ପର୍ଯ୍ୟଟକ ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନ ଥିବାରୁ କେତେକ ମାଫିଆ ଏଠାରେ ଚଢ଼ା ଦରରେ ବୋତଲ ପାଣି ବିକ୍ରି କରୁଛନ୍ତି। ବିଶେଷକରି ବାହାର ପର୍ଯ୍ୟଟକଙ୍କଠାରୁ ୧୫/୨୦ ଟଙ୍କିଆ ପାଣି ବୋତଲକୁ ୩୦ରୁ ୩୫ ଟଙ୍କାରେ ବିକ୍ରି କରୁଛନ୍ତି। ଯେଉଁ ପର୍ଯ୍ୟଟକ ପାନୀୟ ଜଳ



ନେଉ ଯାଉ ନାହାନ୍ତି ସେମାନେ ମଧ୍ୟ ପାଣି ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି ଓ ଶୋଷଣର ଶିକାର ହେଉଛନ୍ତି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ପାଣିପାଇଁ ପର୍ଯ୍ୟଟକ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛନ୍ତି। କୁହାଯାଉଛି ଯେ, କେତେକ ଅସାଧୁ ପାଣି ବ୍ୟବସାୟୀଙ୍କ ଏଠାରେ ପାନୀୟ ଜଳ ବ୍ୟବସ୍ଥା କରାଇବାରେ ବାଧକ ସାଜିଛନ୍ତି। ତେବେ ଏନେଇ ପର୍ଯ୍ୟଟନ ଅଧିକାରୀ ଅଞ୍ଜନ ବାରିକଙ୍କୁ ପଚାରିବାରୁ ଉକ୍ତ ସମସ୍ୟା ବିଷୟରେ ଅବଗତ ଅଛି ଖୁବଶୀଘ୍ର ଏହି ସମସ୍ୟା ଦୂରୀଭୂତ ପାଇଁ ପ୍ରୟାସ ଚାଲିଛି। ଖୁବ୍‌ଶୀଘ୍ର ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ମରାମତି କରାଯିବା ସହ ପର୍ଯ୍ୟଟକଙ୍କୁ ପାନୀୟ ଜଳ ଯୋଗାଣ କରାଯିବ ବୋଲି ସେ କହିଛନ୍ତି।

# ଭୁବନେଶ୍ୱର ସିଟି



## ଏକାମ୍ର ଉତ୍ସବର ଷଷ୍ଠ ସନ୍ଧ୍ୟା

# ଗାଇଲେ ସୋନୁ; ଝୁମିଲେ ଦର୍ଶକ







**ଭୁବନେଶ୍ୱର, ୮।୨(ସମିସ):**

ବଲିଉଡ଼ କଣ୍ଠଶିଳ୍ପୀ ସୋନୁ ନିଗମଙ୍କୁ ଦେଖିବା ପାଇଁ ଏକାମ୍ର ଉତ୍ସବରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରାରମ୍ଭରୁ ପଦର୍ଶନୀ ପଡ଼ିଆରେ ଦର୍ଶକଙ୍କ ଭିଡ଼ରେ ଭରିଯାଇଥିଲା। ସୋନୁଙ୍କୁ ଏତେ ପାଖରୁ ଦେଖି ଦର୍ଶକ ଉତ୍ସାହିତ ହୋଇ ଉଠିଥିଲେ। ସୋନୁ ମଞ୍ଚ ଉପରେ ଯେଉଁଭଳି ହାତ ହଲାଉଥିଲେ ଓ ଗୀତ ବି ଗାଉଥିଲେ, ତାଙ୍କ କଣ୍ଠସ୍ୱରରେ ମତୁଆଲା ହୋଇ ସଙ୍ଗୀତର ତାଳେ ତାଳେ ନାଚିବାକୁ ଲାଗିଥିଲେ ଦର୍ଶକ। ଜିନ୍ଦେଗୀ ହେଁ ଯେଶେ ବାରିଷୋ କି ପାନି... ସଙ୍ଗୀତରୁ ସୋନୁ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଏସା ପହେଲି ବାର ହୁଆ ହେ ସତରା ଅଠରା ସାଲେ ମେ... ଆଜ୍ କଲ୍ ମେରା ମନ୍..., ମୌସମ୍ ହେ ମସ୍ତାନା... ହସ୍ ମତ୍ ପଗ୍‌ଲୀ ପ୍ୟାର୍ ହୋ ଯାଏଗା... କେହେଦୋ ନା କେହେଦୋ ନା ୟୁଆର୍ ମାଇ ସୋନିଆ... ଭଳି ସଙ୍ଗୀତ ପରିବେଷଣ କରିଥିଲେ। ବିଡିଏ ପକ୍ଷରୁ ଆୟୋଜିତ ଏକାମ୍ର ଉତ୍ସବର ଗୁରୁବାର ଷଷ୍ଠ ସନ୍ଧ୍ୟା ଥିଲା। ସନ୍ଧ୍ୟାରେ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଟ୍ୱିନ୍ ସିଟି କମିସନର୍ ସଞ୍ଜୀବ ପଣ୍ଡା, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଉପାଧ୍ୟକ୍ଷ ବଲୱନ୍ତ ସିଂ ଉପସ୍ଥିତି ଥିଲେ। ସେହିପରି ଓଡ଼ିଆ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ଓ ସଞ୍ଚିତା ପ୍ରିୟଦର୍ଶିନୀଙ୍କ ଗୀତକୁ ଦର୍ଶକ ମନଭରି ଉପଭୋଗ କରିଥିଲେ।

### କାଇ ଚଟଣିକୁ ନାଲି ଚାଉଳ ଖେଚୁଡ଼ି

ବିଡ଼ିଏ ପକ୍ଷରୁ ଆୟୋଜିତ ଏକାମ୍ର ଉତ୍ସବରେ ଆମ ବ୍ୟଞ୍ଜନରେ ଥିବା ମଣୋହିରେ ପଡ଼ିଛି ଜନଜାତି ଖାଦ୍ୟ ଷ୍ଟଲ। ଏଠାରେ ଆଦିବାସୀଙ୍କ ଖାଦ୍ୟ ଚାଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଷ୍ଟଲରେ ଖସେରୀ ପକୁଡ଼ି (ଚଣା ପକୁଡ଼ି) ସହିତ କଉଁରା ବାହା, ସିମଜିଲ(ଚିକେନ)ପକୁଡ଼ି ସହିତ କଉଁରା ବାହା, ଜିଲରଫା ସହ କାଇ ଚଟଣୀ, କହଁଡ଼ାସାଲା ଉଛ ରାପାଃ, ଉଦ୍ ରାପାଃ, ସୀମଜିଲ ସଲେ ସହିତ ପାଲୱା ଚଟଣି, ଘାଣ୍ଟଳ ସଲେ, ସୀମଜିଲ୍ ଲେଟ୍, ଉଦ୍ ଲେଟ୍, ପାତଳା ପିଠା ସହ ରସୁଣ ଚଟଣୀ ଭଳି ଖାଇବା ରହିଛି। ଏଥି ସହ ହାଣ୍ଡି ସର୍ବତ, ଟଙ୍କ ତୋରାଣି, କମଳା, ଲେମ୍ବୁ, ମିଣ୍ଟ ଜାତୀୟ ପାନୀୟ ମଧ ମିଳୁଛି। ଷ୍ଟଲରେ ମାଷ୍ଟର ସେଫ ମଧୁସ୍ମିତା ସୋରେନ ରହିଛନ୍ତି। ସେ ମାଷ୍ଟର ସେଫ୍ କାର୍ଯ୍ୟକ୍ରମରେ ଭାଗ ନେବା ବେଳେ ନିକଟରେ ଜିଆଇ ଟ୍ୟାଗ୍ ପାଇଥିବା କାଇ ଚଟଣିକୁ ବନାଇଥିଲେ। ଷ୍ଟଲ୍‌ରେ କାଇ ଚଟଣୀର ଚାହିଦା ଅଧିକ ରହିଥିବା ବେଳେ ନାଲି ଚାଉଳ ଖେଚୁଡ଼ି ଓ ପତ୍ର ପୋଡ଼ା ଆଇଟମ ଖାଇବାକୁ ଭଲ ଲାଗୁଛି । ଏମିତିକି ଲୋକମାନେ କାଇ ଚଟଣିକୁ ନେବା ପାଇଁ ଘରୁ ଟିଫିନ୍ ଧରି ଆସୁଛନ୍ତି।




### ଶେଷ ସନ୍ଧ୍ୟାରେ ଜୁବିନ୍ ନୌଟିଆଲ୍

ଏକାମ୍ର ଉତ୍ସବର ଶେଷ ସନ୍ଧ୍ୟାରେ ଜୁବିନ୍ ନୌଟିଆଲ୍ ମଞ୍ଚରେ ରହିବେ। ରାଜଧାନୀରେ ଜୁବିନ୍‌ଙ୍କ ଫ୍ୟାନ୍ ଫଲୋର୍ସ ବହୁ ଅଧିକ। ତାଙ୍କ ପ୍ରଦର୍ଶନ ଦେଖିବାକୁ ବିଶେଷ କରି ଯୁବ ପିଢ଼ିଙ୍କ ମଧ୍ୟରେ ଉତ୍ସାହ ରହିଛି। ଏଥିପାଇଁ ପ୍ରବଳ ଭିଡ଼ ହେବାର ଆଶଙ୍କା କରାଯାଉଛି। ଭିଡ଼କୁ ଦୃଷ୍ଟିରେ ରଖି ବିଡିଏ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ମଧ କରାଯାଇଛି।

### ସବୁ ଟିକଟ୍ ବୁକ୍

ଏକାମ୍ରରେ ଅନ୍‌ଲାଇନ୍ ଟିକଟ ବିକ୍ରି କରୁଥିବା ସଂସ୍ଥା ବୁକ୍ ମାଇଁ ସୋ'ରେ ଗୁରୁବାର ସବୁ ଟିକଟ ବିକ୍ରି ହେଇଯାଇଥିଲା। ଦର୍ଶକ ଏତେ ଆତୁର ଥିଲେ ଯେ ଟିକଟର ମୂଲ୍ୟ ଯାହା ହେଉ ପଛେ ଦେବାକୁ ପ୍ରସ୍ତୁତ ଥିଲେ। ହେଲେ ଆଉ ଟିକଟ୍ ନ ଥିଲା। କିଛି ଦର୍ଶକ ମନ ଉଣା କରି ଫେରି ଯରାଇଥିଲା ବେଳେ ଆଉ କିଛି ଶ୍ରୋତା ଦୂରରୁ ଛିଡ଼ା ହୋଇ ସୋନୁଙ୍କୁ ଶୁଣୁଥିଲେ।

# ବିଜେଡିର ପରିବାର ଜନସମ୍ପର୍କ ଅଭିଯାନ



**ୟାଁଲା, ୮।୨(ସମିସ):** ଭୁବନେଶ୍ୱର ଉପକଣ୍ଠ କଣ୍ଟାବାଡ଼ଠାରେ ବିଜୁ ଜନତା ଦଳର ପରିବାର ଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ସଚେତନତା କରାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ସଶକ୍ତୀକରଣ, ମଧୁବାବୁ ପେନସନ, ବିଜୁ ସ୍ୱାସ୍ଥ କଲ୍ୟାଣ, ବିଜୁ ପକ୍କାଘର, ବିଦ୍ୟାଳୟ ରୂପାନ୍ତରୀକରଣ, ମନ୍ଦିର ଉନ୍ନତିକରଣ, ବସୁଧା, ମମତା, ହରିଚନ୍ଦ୍ର ଆଦି ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେନେଇ ଆଲୋଚନା କରାଯାଇଥିଲା। ଅର୍ଜୁନ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡିର ହଜାର ହଜାର କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଏହି ଜନସମ୍ପର୍କ ଅଭିଯାନରେ କଣ୍ଟାବାଡ଼ ଗ୍ରାମ ଓ ଜଟଣୀ ନିର୍ବାଚନ ମଣ୍ଡଳୀର ବହୁ ମହିଳା ଉପସ୍ଥିତ ଥିଲାବେଳେ ଘରେ ଘରେ ଶଙ୍ଖ ଅଭିଯାନକୁ ପହଞ୍ଚାଇବାକୁ କର୍ମୀମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଅଜିତ୍ ପରିଡ଼ା, ଅନ୍ଧାରୁଆ ସମିତିସଭ୍ୟା ଜୋସ୍ନା ଦେହୁରୀ, ଆଇନଜୀବୀ ଦିଲ୍ଲୀପ ବେହେରା, ୱାର୍ଡମେମ୍ବର ଶରତ ନାୟକ, ବନୀତା ନାୟକଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

# 'ନ୍ୟାସ୍‌ନାଲ୍ ଗ୍ରୀନ୍ ମେଟାଲ୍ କନ୍‌ଫରେନ୍ସ' ଉଦ୍‌ଯାପିତ



**ଭୁବନେଶ୍ୱର, ୮।୨(ସମିସ):** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଦୁଇଦିନିଆ 'ନ୍ୟାସନାଲ୍ ଗ୍ରୀନ୍ ମେଟାଲ୍ କନଫରେନ୍ସ ୨୦୨୪' ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷର ଥିମ୍ ହେଉଛି 'ସବୁଜ ସ୍ଥିରତା ପାଇଁ ଧାତୁ ପରିସଂସ୍ଥା ସନ୍ତୁଳନ' ବା 'ମେଟାଲ୍ ଇକୋ ସିଷ୍ଟମ୍ ବାଲାନ୍ସିଂ: ଟୁୱାର୍ଡସ ଗ୍ରୀନ୍ ସଷ୍ଟେନେବିଲିଟି'। ଏହି ସମ୍ମିଳନୀରେ ପରିବେଶ ସନ୍ତୁଳନ କ୍ଷେତ୍ରର ଭବିଷ୍ୟତ ରଣନୀତି ପାଇଁ ଶିଳ୍ପ ହିତାଧିକାରୀ, ବିଶେଷଜ୍ଞ, ଶିକ୍ଷାବିତ୍, ଅନୁଷ୍ଠାନ ଏବଂ ନୀତି ନିର୍ଣ୍ଣୟକାରୀଙ୍କ ପାଇଁ ଏକ ବଡ଼ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ଏହି ଦୁଇ ଦିନିଆ ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ୨୦୭୦ ସୁଦ୍ଧା ଆମକୁ ଅଙ୍ଗାରକାମ୍ଳ ବା କାର୍ବନ ନିର୍ଗମନକୁ ଶୂନ କରିବା। ଯେଉଁଥିପାଇଁ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ମନିଟରିଂ ଏବଂ ସର୍କୁଲାର୍ ଇକୋନୋମିରେ ସାମ୍ପ୍ରତିକ ଟେକ୍ନୋଲୋଜି ଧାରାକୁ ଆଲୋକିତ କରିବା ସହ ଏହି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି, ବିକଳ୍ପ ଶକ୍ତି, ସ୍ଥାୟୀ ଖଣି, ନୂତନ ନିରାପତ୍ତା ସର୍କୁଲାର, ଅର୍ଥନୀତି ପରିଚାଳନା ଓ ସବୁଜ ପରିବେଶ ପାଇଁ ବିନା ଖର୍ଚ୍ଚରେ କ୍ଷମତା ସୃଷ୍ଟି କରିବା ସହ ଏହାକୁ ହାସଲ କରିବା ପାଇଁ ଏକ ସୁଗମ ପରିବର୍ତ୍ତନକୁ ରାସ୍ତା ଦେଖାଇବା। ପ୍ରଥମ ଦିନ ଉଦ୍‌ଘାଟନୀ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ବିପିଏନ୍‌ଏସ୍‌ଆଇର ନିର୍ଦ୍ଦେଶକ ପ୍ରୀତମ୍ ଏସ୍ ପୁରକାୟସ୍ଥ ସମ୍ମିଳନୀର ମୂଳ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଆଇଏଫ୍‌ଏସ୍ କେ.ମୁରୁଗେସାନ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଇସ୍ପାତ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଆଇଆରଏସ୍ ରୁଚିକା ଚୌଧୁରୀ ଗୋଭିଲ ନିଜର ଶୁଭେଚ୍ଛା ଜଣାଇବା ସହ ନିଜର ବାର୍ତ୍ତା ଦେଇଥିଲେ। ଇସ୍ପାତ ମନ୍ତ୍ରଣାଳୟ ସଚିବ ଏନ୍‌ଏନ୍ ସିହ୍ନା ଆଭାସୀ ମାଧ୍ୟମରେ ନିଜର ବାର୍ତ୍ତା ଦେଇଥିଲେ। ପରିବେଶ ଓ ପର୍ଯ୍ୟାବରଣ ଇଞ୍ଜିନିୟର ନିହାର ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଦିନରେ ଶ୍ରମ ଓ ଇଏସଆଇ ବିଭାଗ ସଚିବ ତଥା କମିସନର ଆର ସନ୍ଥାନାଗୋପାଲାନ୍ ସେଫ୍‌ଟି ମ୍ୟାନେଜମେଣ୍ଟ ଇନ୍ ମେଟାଲ ଇଣ୍ଡଷ୍ଟ୍ରି ଉପରେ ଆଲୋଚନା କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ଉଷା ପାଢ଼ୀ ଓଡ଼ିଶାରେ କୌଶଳ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏଫ୍ଇ ଆଣ୍ଡ ସିସି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି କନ୍‌ରେନ୍ସରେ ଗୁରୁତ୍ୱପୂର୍ଣ୍ଣ ପରିବେଶ ସୁରକ୍ଷା ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ବିପିଏନ୍‌ଏସ୍‌ଆଇ ନିର୍ଦ୍ଦେଶକ ପ୍ରୀତମ ଏସ୍ ପୁରକାୟସ୍ଥ ଏହି ସମ୍ମିଳନୀର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟ ପରିବେଶ ଓ ପର୍ଯ୍ୟାବରଣ ଇଞ୍ଜିନିୟର ରବି ନାରାୟଣ ପୃଷ୍ଟି ଧନ୍ୟବାଦ୍ୟ ଦେଇଥିଲେ।

# ୧୮ ରେ ସାମୂହିକ ବିବାହ ମହୋତ୍ସବ



**ଭୁବନେଶ୍ୱର, ୮।୨(ସମିସ):** ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ପ୍ରୟାସ' ଆନୁକୂଲ୍ୟରେ ଗଣବିବାହ ଚଳିତବର୍ଷ ଏକଦଶନ୍ଧି ପୂର୍ଣ୍ଣ କରିବା ସହ ୨୫ ନୂଆ ଦମ୍ପତିଙ୍କୁ ସାମାଜିକ ସ୍ୱୀକୃତି ପ୍ରଦାନ କରିବ। ଚଳିତ ବର୍ଷ ଫେବୃୟାରୀ ୧୭ ତାରିଖରେ ମଙ୍ଗନ, ମେହେନ୍ଦି ଓ ସଙ୍ଗୀତ କାର୍ଯ୍ୟକ୍ରମ ଓ ୧୮ ତାରିଖରେ ସ୍ଥାନୀୟ ୟୁନିଟ-୩ସ୍ଥିତ ଶ୍ରୀରାମମନ୍ଦିର ପରିସରରେ ଏହି ସାମୂହିକ ବିବାହ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ପ୍ରୟାସର ଅଧ୍ୟକ୍ଷ ତଥା ଆଇନଜୀବୀ ବନ ମହାନ୍ତି ସୂଚନା ଦେଇଛନ୍ତି। ଆବେଦନ କରିଥିବା ବରବଧୂ ଓ ସେମାନଙ୍କ ପରିବାର ଉପସ୍ଥିତିରେ ବିବାହ ସମ୍ପନ୍ନ ହେବା ସହ ଆଇନ ଅନୁଯାୟୀ ରେଜିଷ୍ଟ୍ରିଭୁକ୍ତ କରାଯିବ। ଏହିଦିନ ପୂର୍ବାହ୍ନ ୧୧ଟାରେ ୟୁନିଟ୍-୨ସ୍ଥିତ ଆର୍ଯ୍ୟ ସଂସ୍କୃତି ମନ୍ଦିରଠାରୁ ୨୫ଜଣ ବର ବାହାରି ୟୁନିଟ୍-୩ସ୍ଥିତ ଶ୍ରୀରାମ ମନ୍ଦିରକୁ ବରାନୁଗମନ କରିବେ ଓ ସେଠାରେ ୨୫ଟି ବେଦୀରେ ୨୫ଜଣ ପୁରୋହିତଙ୍କ ମନ୍ତ୍ର ଉଚ୍ଚାରଣରେ ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଅଭ୍ୟର୍ଥନା କମିଟିର ଆବାହକ ଡ. ବଦ୍ରିନାଥ ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ବେଦଜ୍ଞ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସମେତ ପ୍ରୟାସର ଟ୍ରଷ୍ଟି ତଥା ସାମ୍ବାଦିକ କୌସ୍ତୁଭ ଦାସ ଓ ଅନ୍ୟ କର୍ମକର୍ତ୍ତା ସହଯୋଗରହାତବଢ଼ାଇଛନ୍ତିବୋଲିଶ୍ରୀମହାନ୍ତିସାମ୍ବାଦିକସମ୍ମିଳନୀକରିସୂଚନାଦେଇଛନ୍ତି।

# ଘାଟିକିଆ ହାଇସ୍କୁଲ୍‌ର ବାର୍ଷିକୋତ୍ସବ

**ଭୁବନେଶ୍ୱର, ୮।୨(ସମିସ):** ଘାଟିକିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ କଠିନ ପରିଶ୍ରମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିବ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, କର୍ପୋରେଟର କିରଣବାଳା ମାଝୀ, ଆଲୁମିନି ସଂଘ ସଭାପତି ସମୀର ରଞ୍ଜନ ନନ୍ଦ, ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଅତିଥି ବିଦ୍ୟାଳୟର ଭିତ୍ତିଭୂମି ଉନ୍ନତିକରଣ ଓ ଶୈକ୍ଷିକ ବାତାବରଣ ବୃଦ୍ଧି ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ଡ. ପ୍ରଭାତ କୁମାର ରଥ ସଭା ପରିଚାଳନା କରିଥିଲେ।

# ବିଏମ୍‌ସି ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୮।୨(ସମିସ):** ବିଏମ୍‌ସି କାର୍ଯ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସିର ଡେପୁଟି କମିସନର୍ ରମେଶ ଚନ୍ଦ୍ର ଜେନାଙ୍କୁ ରାଜ୍ୟ ସରକାର କନ୍ଧମାଳ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ଫଳରେ ସେ ଗୁରୁବାରଠାରୁ ଭୁବନେଶ୍ୱର ମହାନଗର ନିଗମ ଛାଡ଼ି କନ୍ଧମାଳ ଉପଜିଲ୍ଲାପାଳ ଭାବେ ଯୋଗ ଦେବେ। ଜାଗା ମିଶନ ଭଳି ଗୁରୁଦାୟିତ୍ୱକୁ ସୁରୁଖୁରୁରେ ଏବଂ ସୂଚାରୁ ଭାବେ ନିଭାଇଥିବାରୁ କମିସନର ବିଜୟ ଅମୃତା କୁଲାଙ୍ଗେ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅଧ୍ୟକ୍ଷତା କରି ମେୟର ସୁଲୋନଚା ଦାସ ତାଙ୍କର କାମ କରିବାର ଶୈଳୀ ଏବଂ ଦାୟିତ୍ୱ ସମ୍ପର୍କରେ କେତେକ ଉଦାହରଣ ଦେଇଥିଲେ। ବିଦାୟ କାଳୀନ ସମ୍ବର୍ଦ୍ଧନାର ଉତ୍ସବରେ ଶ୍ରୀ ଜେନା କହିଥିଲେ ଯେ ବିଏମ୍‌ସିରେ କାମ କରିବା ସମୟରେ ସମସ୍ତ କର୍ପୋରେଟର, ବିଏମ୍‌ସି କମିସନର, ଅତିରିକ୍ତ କମିଶନର ଓ ଟିମ୍ ବିଏମ୍‌ସିରେ ଯେଉଁ ଅକୁଣ୍ଠ ସହଯୋଗ ମିଳିଛି, ତାହା ଅବିସ୍ମରଣୀୟ ହୋଇ ରହିବ।

## ପ୍ରେମ ପାଇଁ ପ୍ରପୋଜ୍ ଡେ'

# ମଲ୍, ମନ୍ଦିର, ପାର୍କରେ ଭିଡ଼

**ଭୁବନେଶ୍ୱର, ୮।୨(ସମିସ):**

ସୋମେଶ ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଅଧ୍ୟୟନ କରୁଥିବା ଦ୍ୱିତୀୟ ବର୍ଷର ଛାତ୍ର। ଅନେକ ଦିନହେଲା ନିଜର ମନ କଥା ସହପାଠିନୀ ରାଜେଶ୍ୱରୀ ପାଣିଙ୍କୁ କହିପାରୁ ନ ଥିଲେ। ହେଲେ ଆଜି ପ୍ରେମ ନିବେଦନ ଦିବସ (ପ୍ରପୋଜ୍ ଡେ')ରେ ସାହସ ସଞ୍ଚୟ କରି ନିଜ ମନର କଥା ଖୋଲି କହିଦେଇଛନ୍ତି ପାର୍କରେ। ଉପରୋକ୍ତ ନାମ ଦୁଇଟି ଛଦ୍ମ ହେଲେ ବି କାହାଣୀଟି ସତ। ଏହା କେବଳ ସେ ଦୁହିଁଙ୍କ କାହାଣୀ ନୁହେଁ, ଅନେକ ପ୍ରେମୀ ଯୁଗଳଙ୍କ କାହଣୀ ଏମିତି ହିଁ ଆରମ୍ଭ ହୋଇଥାଏ। ଏବେ ପ୍ରେମ ଋତୁ ପରିପ୍ରେକ୍ଷୀରେ ଫେବୃଆରୀ ୮ ପ୍ରପୋଜ୍ ଡେ' ବା ପ୍ରେମ ନିବେଦନର ଦିବସ ଭାବେ ପାଳନ କରାଯାଇଥିଲା। ଅନେକ ଏହି ଦିନ ମନର ମଣିଷକୁ ମନକଥା ଖୋଲି କହିବାକୁ ଚାହିଁ ବସିଥିଲେ। ହୃଦୟରେ ଅନେକ ଦିନ ସାଇତି ରଖିଥିବା କଥାକୁ ପରସ୍ପରକୁ କହିବାକୁ ଭଲ ସୁଯୋଗ ମିଳିଥିଲା। ସେଥିପାଇଁ କେବଳ ସୋମେଶ ଓ ରାଜେଶ୍ୱରୀଙ୍କ କଥା ନୁହଁ ବରଂ ଆଇଜି ପାର୍କ ପରି ରାଜଧାନୀରେ ଥିବା ଅଧିକାଂଶ ପାର୍କରେ ନୂଆ ଯୋଡ଼ି ହୋଇଥିବା ବେଳେ ଅନେକ ପ୍ରେମୀ ଯୁଗଳ, ଦମ୍ପତି ମଧ ଏହି ଦିବସ ପାଳନ କରୁଥିବା ଦେଖିବାକୁ ମିଳିଛି। କିଏ ଗୋଲାପ ଦେଇ ନିଜ ପ୍ରେମ ଜାହିର କରୁଥିଲାବେଳ କିଏ ପରସ୍ପର ସହ ସମୟ ବିତାଇ ସମ୍ପର୍କର ଡୋରୀକୁ ମଜଭୁତ୍ କରିବାକୁ ପ୍ରୟାସ କରିଥିଲେ। ସେହିପରି ପାର୍କ ବ୍ୟତୀତ ସପିଙ୍ଗ୍ ମଲ୍, ସିନେମା ହଲ୍ ଏବଂ ମନ୍ଦିରରେ ମଧ ପ୍ରେମୀଯୁଗୋଳଙ୍କୁ ଦେଖିବାକୁ ମିଳିଥିଲା। ଯୁବକ ଯୁବତୀଙ୍କଠାରୁ ଆରମ୍ଭକରି ବୟସ୍କ ତଥା ସବୁ ବର୍ଗର ଲୋକ ଏହି ଦିନକୁ ପାଳନ କରୁଛନ୍ତି। ସେଥିପାଇଁ ଫୁଲ ଦୋକାନ ଏବଂ ଚକୋଲେଟ୍ ଦୋକାନରେ ଭିଡ଼ ପରିଲକ୍ଷିତ ହେଉଛି। ଗୋଲାପ ଓ ଚକୋଲେଟ୍ ପ୍ରେମର ପ୍ରତୀକ ଭାବେ ବ୍ୟବହାର କରାଯାଉଛି।





